## ଟ୍ରାକ୍ଟରକୁ ୧୦ ହଜାର ଜରିମାନା

ଜାମଟିକ୍ରା, (ଡି.ଏନ.ଏ): ବେଆଇନ ଭାବେ ବାଲି ଚାଲାଣ କରୁଥିବା ବେଳେ ଅତାବିରା ତହସିଲଦାର ଦୁର୍ଯ୍ୟୋଧନ ଭୋଇ ଗୋଟିଏ ଟ୍ରାକ୍ଟରରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ଅତାବିରା ତହସିଲ ଅନ୍ତର୍ଗତ କୁକେତିରାଠାରେ ଉକ୍ତ ଟ୍ରାକ୍ଟର (ନଂ.ଓଡି୧୭ଏ/୬୭୧୩) ବାଲି ବୋଝେଇ କରି ଯାଉଥିବା ସମୟରେ ତହସିଲ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଆବଶ୍ୟକ କାଗଜପତ୍ର ନ ଥିବାରୁ ସରକାରଙ୍କ ନିୟମ ଅନୁଯାୟୀ ଜରିମାନା ଆଦାୟ କରାଯାଇଛି । ଚଢ଼ାଉ ବେଳେ ରାଜସ୍ୱ ବିଭାଗର ସୁପରଭାଇଜର ରଷଭ ସାହୁ, କେଶବ ଭୋଇଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ସଂକ୍ଷେପରେ

## ଛେଳି ବୋଝେଇ ମିନି ଟ୍ରକ୍ ଓଲଟି ୮ ଗୁରୁତର

**ତରବୋଡ, ୧୦।୧୨ (ଡି.ଏନ.ଏ.):** ନୂଆପଡା ଜିଲା କୋମନା ବ୍ଲକ ତରବୋଡ ଏନ୍ଏଚ୍ ୩୫୩ ସମ୍ବଳ ପ୍ରକଳ୍ପ ପାଖ ମାନିଗୁଡା ରାସ୍ତା ନିକଟରେ ଗୁରୁବାର ସକାଳେ ଏକ ଛେଳି ବୋଝେଇ ମିନି ଟ୍ରକ୍ ଓଲଟି ୮ ଜଣ ଗୁରୁତର ଆହତ ହୋଇଛନ୍ତି। ଗାଡିରେ ଥିବା ୮ଜଣ ଗୁରୁତର ହୋଇଥିବା ବେଳେ ୨ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଜଣକର ହାତ ଛିଣ୍ଡି ଅଲଗା ପଡିଥିବା ବେଳେ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଅନ୍ୟ ଜଣଙ୍କ ହାତ ଭାଙ୍ଗି ଝୁଲି ରହିଛି। ସୂଚନା ଅନୁସାରେ ସକାଳ ପ୍ରାୟ ୯ଟାରେ କୁରୁମପୁରୀ ବଜାରରୁ ଛେଳି ବୋଝେଇ କରି ଏକ ମିନିଟ୍ରକ (ନଂ.ଓଡି୨୬ଡି-୮୨୨୯) ସିନାପାଲି ବ୍ଲକ ଘୁଚାଗୁଡା ଅଞ୍ଚଳକୁ ଯାଉଥିଲା। ତରବୋଡ ଏନ୍ଏଚ୍ ୩୫୩ ସମ୍ବଳ ପ୍ରକଳ୍ପ ନିକଟ ମାନିଗୁଡା ବୁଲାଣି ନିକଟରେ ମିନିଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ତରବୋଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାର କରି ପ୍ରଥମେ ତରବୋଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରେ ନୂଆପଡା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଡ୍ରାଇଭର ଫେରାର୍ ହୋଇଥିବା ବେଳେ ଗାଡିରେ ଥିବା ଛେଳି ଛିନ୍ନଛତ୍ର ହୋଇପଡ଼ିଯାଇଥିଲେ।

## ବିଶ୍ୱ ମାନବାଧିକାର ଦିବସ ପାଳିତ

**ଖଡିଆଲ, ୧୦।୧୨ (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଲଠାରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଖଡିଆଲ ଥାନା ଆଇଆଇସି କୈଳାଶ ଚନ୍ଦ୍ର ସେଠୀ ଯୋଗଦେଇ ଉଦ୍‌ଘାଟନ କରିବା ସହିତ ମାନବାଧିକାର କାର୍ଯ୍ୟାଳୟ ଉଦଘାଟନ କରିଥିଲେ। ଲୋକମାନଙ୍କ ଅଧିକାର କ୍ଷୁର୍ଣ୍ଣ ହେଲେ ତାର ପ୍ରତିକାର କିପରି କରାଯାଇ ପାରିବ ତାର ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ସାମାଜିକ କର୍ମୀ ଯଦୁମଣୀ ପାଣିଗ୍ରାହୀ, ଓଡ଼ିଶା ମାନବାଧିକାର ସାମାଜିକ କର୍ମୀ ବାସୁଦେବ ଭଞ୍ଜ, ପ୍ରସନ୍ନ ବିଶୋଇ, ନୂଆପଡା ମାନବାଧିକାର ସଂଯୋଜିକା ଯଜ୍ଞସିନୀ ମହାପାତ୍ର, ଖଡିଆଲ ଏନଏସି ଗୋଷ୍ଠୀ ସଙ୍ଗଠିକା ସଂଯୁକ୍ତା ପଣ୍ଡା ଓ ମଧୁସ୍ମିତା ମିଶ୍ର ଯୋଗଦାନ କରିଥିଲେ। ନୂତନ ମାନବାଧିକାର କାର୍ଯ୍ୟାଳୟରେ ସ୍ୱୟଂଶକ୍ତି ମହିଳା ମହାସଂଘର ସଭାନେତ୍ରୀ ମମତାମଞ୍ଜରୀ ଥଙ୍ଗାଙ୍କୁ ବ୍ଲକ କୋର୍ଡିନେଟର୍ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

## ବ୍ଲକସ୍ତରୀୟ ମହୁରି ପ୍ରତିଯୋଗିତା

**ଦେଓଗାଁ,୧୦।୧୨(ଡି.ଏନ.ଏ.)** ଦେଓଗାଁ ବ୍ଲକ କୁତୁର୍ଲା ବସନ୍ତ ମହାପାତ୍ର ମଞ୍ଚରେ ଗୁରୁବାର ବ୍ଲକସ୍ତରୀୟ ଲୋକକଳା ମହୁରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ବ୍ଲକ ସଭାପତି ମନୋଜ ଚନ୍ଦନଙ୍କ ସଭାପତିତ୍ୱ ଓ ବ୍ଲକ ସଂଯୋଜକ ହଳଧର ନାଗଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଜିଲା ସଂଯୋଜକ ଧରଣୀଧର ନାୟକ ଯୋଗଦେଇ ହଜିବାକୁ ବସିଥିବା ଲୋକକଳାକୁ ଉଜ୍ଜୀବିତ କରିବା ପାଇଁ ପ୍ରୟାସ ସ୍ୱାଗତଯୋଗ୍ୟ ବୋଲି ମତବ୍ୟକ୍ତ କରିଥିଲେ । ମହୁରି ବାଦକ ଅର୍ଜୁନ ନନ୍ଦଙ୍କ ପରିଚାଳନାରେ ଅନୁଷ୍ଠିତ ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଚୟନ ହୋଇଥିବା ୨୦ଜଣ କଳାକାର ଅଂଶଗ୍ରହଣ କରିଥିଲେ । ଚୋରମରାର ଦନାଇ ସୁନା ପ୍ରଥମ ,କୁତୁର୍ଲାର ଶଙ୍କର ନାଗ ଦ୍ୱିତୀୟ ଓ ସାରସବାହାଲର ଲାଲଚି ହରପାଲ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

## ଭାଜପା ପ୍ରଶିକ୍ଷଣ ଶିବିର

**ଲହୁଣୀପଡା, ୧୦।୧୨ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ହଲଦୀକୁଦର ପଞ୍ଚାୟତର ସରସ୍ୱତୀ ଶିଶୁ ମନ୍ଦିରଠାରେ ଭାଜପା ଖୁଣ୍ଟୁଗାଁ ମଣ୍ଡଳର ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାହାସବିହାରୀ ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସେବତୀ ନାଏକ, ରାଜ୍ୟ ପରିଷଦ ସଦସ୍ୟ ମନୋଜ ପ୍ରଧାନ, ଲୋଥାର ଓରାମ, ପ୍ରଶିକ୍ଷଣ ସଂଯୋଜକ ହେମନ୍ତ କୁମାର ସାହୁ, ବାସୁଦେବ ସାହୁ, ଦିବ୍ୟମଞ୍ଜରୀ ଶେଖର ଦେଓ, ଆଇଟି ସେଲ ପ୍ରମୁଖ ଅଭିରାମ ମହାକୁଡ ଯୋଗଦେଇଥିଲେ।

# ‘କ୍ଷମତାପ୍ରାପ୍ତ ପୋଲିସ ଅଧିକାରୀ ତଦନ୍ତ କରନ୍ତୁ’

**ନୟାଗଡ ପରୀ ହତ୍ୟା ଘଟଣା**

**ବଲାଙ୍ଗୀର ଅଫିସ,୧୦।୧୨**

ନୟାଗଡ ନାବାଳିକା ପରୀ ହତ୍ୟା ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ(ଏସ୍ଆଇଟି) ଗଠନ ହେଉ, ଯାହାର ନିରୀକ୍ଷଣ ଓ ତଦାରଖ ଦାୟିତ୍ୱ ହାଇକୋର୍ଟ ଅଧୀନରେ ରହିବ। ବର୍ତ୍ତମାନ ସରକାର ଗଠନ କରିଥିବା ଏସ୍ଆଇଟିରେ ରାଜ୍ୟ ପୋଲିସ ବିଭାଗର ଅଧିକାରୀ, କି ସିବିଆଇର ଅଧିକାରୀ ରହନ୍ତୁ ସେଥିରେ ଆମର କୌଣସି ଆପତ୍ତି ନାହିଁ। କିନ୍ତୁ ନିରପେକ୍ଷ ତଦନ୍ତ ପାଇଁ ଏସ୍ଆଇଟି ନିଶ୍ଚିତ ଭାବରେ ହାଇକୋର୍ଟଙ୍କ ତଦାରଖରେ କାମ କରିବା ଆବଶ୍ୟକ। ଏହା କହିଛନ୍ତି ଓଡିଶା ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର। ସ୍ଥାନୀୟ ସର୍କିଟହାଉସ୍ ପରିସରରେ ଗୁରୁବାର ଆୟୋଜିତ ଖବରଦାତା


ପରୀ ହତ୍ୟା ଘଟଣାକୁ ନେଇ ବିଧାୟକ ନରସିଂହ ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ସମ୍ମିଳନୀରେ ବିଧାୟକ ମିଶ୍ର କହିଥିଲେ ଯେ, ବିଭିନ୍ନ ସୂତ୍ରରୁ ଶୁଣାଯାଉଛି ସରକାର ଗଠନ କରିଥିବା ଏସ୍ଆଇଟିର ମୁଖ୍ୟ ଆଇଜି ଅରୁଣ ବୋଥ୍ରା ଯିଏକି ସମ୍ପ୍ରତି ରାଜ୍ୟ ପରିବହନ ନିଗମର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଅଛନ୍ତି। ତାଙ୍କର ସେକ୍ସନ୍ ୩୬ ସିଆରପିସି ଅନୁସାରେ ଜଣେ ପୋଲିସ ଅଧିକାରୀଙ୍କ ଯେଉଁ କ୍ଷମତା ରହିବା ଆବଶ୍ୟକ ତାହା ନାହିଁ । ଏପରିକି ପରୀ ହତ୍ୟା ଘଟଣା ପାଇଁ ଗଠିତ ଏସ୍ଆଇଟି ମୁଖ୍ୟ ଆଇଜି ବୋଥ୍ରାଙ୍କ ସେକ୍ସନ୍ ୩୬ ସିଆରପିସି କ୍ଷମତା ନାହିଁ ବୋଲି ଜଣେ ପୂର୍ବତନ ପୋଲିସ ଡିଜି ପ୍ରଶ୍ନ ଉଠାଇଛନ୍ତି।

ଏହାକୁ ରାଜ୍ୟ ସରକାର ସ୍ପଷ୍ଟ କରିବା ଉଚିତ୍ ସରକାରଙ୍କ ଦ୍ୱାରା ଗଠିତ ଏସ୍ଆଇଟିରେ ଏପରି ଅଧିକାରୀ ରହିବା ଆବଶ୍ୟକ ଯାହାଙ୍କ ସେକ୍ସନ୍ ୩୬ ସିଆରପିସି ଅନୁସାରେ କାର୍ଯ୍ୟ କରିବାର କ୍ଷମତା ରହିଥିବ ବୋଲି ବିଧାୟକ ମିଶ୍ର କହିଥିଲେ। ଅପରପକ୍ଷରେ ପରୀ ହତ୍ୟା ଘଟଣାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଏଣୁ ଆମେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଛୁ। ଭାଜପା ବିଧାୟକ ଓ ଦଳ ପକ୍ଷରୁ କାହିଁକି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଉନାହିଁ ବୋଲି ବିଧାୟକ ମିଶ୍ର ପ୍ରଶ୍ନ କରିଥିଲେ। ପରୀ ହତ୍ୟା ଘଟଣାକୁ ନେଇ ଯେତିକି ରାଜନୀତି ହେଲାଣି ପରୀ ହତ୍ୟାକାରୀ ଖସି ଯିବାର ଆଶଙ୍କା ରହିଛି ବୋଲି ମିଶ୍ର କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ମହିଳା ନେତ୍ରୀ ମିଲନୀ ସାହୁ ମଞ୍ଚାସୀନ ଥିଲେ।

# ୩୦ ଦାଦନ ଶ୍ରମିକ ଉଦ୍ଧାର

**ସିନାପାଲି, ୧୦।୧୨ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ପୋଲିସ ହାଇଦ୍ରାବାଦ ଯାଉଥିବା ବସ୍‌ରେ ଚଢ଼ାଉ କରି ୩୦ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ସିନାପାଲି-ହାଇଦ୍ରାବାଦ ବସ୍‌ର ୨ଡ୍ରାଇଭର, କଣ୍ଡକ୍ଟର, ହେଲପରଙ୍କ ସମେତ ୪ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଉଦ୍ଧାର ଦାଦନ ଶ୍ରମିକମାନେ ନୂଆପଡା ଜିଲା ବୋଡେନ, କୋମନା ବ୍ଲକ, ଖରିଆର ଓ ସିନାପାଲି ବ୍ଲକ, ବଲାଙ୍ଗୀର ଜିଲା ବେଲପଡା, ବରଗଡ ଓ କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନର ବୋଲି ଜଣାପଡିଛି । ପରେ ସେମାନଙ୍କୁ ନିଜ ଗ୍ରାମରେ ଛାଡିବା ବ୍ୟବସ୍ଥା କରାଯାଇଛି। ସିନାପାଲିରୁ ହାଇଦ୍ରାବାଦ ଯାଉଥିବା ବସରେ ଦାଦନ ଚାଲାଣ ହେଉଥିଲା। ସିନାପାଲି ପୋଲିସ ଖବର ପାଇ ହାତିବନ୍ଧା ନିକଟରେ ଚଢ଼ାଉ କରିଥିଲା। ସେଠାରୁ ବସ (ନଂ.ଓଡି୦୮ଏମ-୦୬୭୫)କୁ ଅଟକ ରଖି ଦଲାଲଙ୍କ ସମେତ ଶ୍ରମିକମାନଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନର ଶ୍ରମିକମାନଙ୍କୁ ଆଣି ସିନାପାଲିର ବିଭିନ୍ନ ସ୍ଥାନରେ ରଖି ଏହି ବସରେ ଚାଲାଣ କରୁଥିବା ଜଣାପଡିଥିଲା। ସିନାପାଲି ଥାନା ଅଧିକାରୀ ଜ୍ୟୋତିରଞ୍ଜନ ଗୌଡଙ୍କ ନିର୍ଦ୍ଦେଶରେ ପୋଲିସ ଟିମ ପହଞ୍ଚି ୪ବସ କର୍ମଚାରୀ ଓ ୪ ଦଲାଲଙ୍କୁ ଗିରଫ କରିଛି । ଏ ନେଇ ସିନାପାଲି ପୋଲିସ ଏକ ମାମଲା (ନଂ. ୨୬୨/୨୦) ରୁଜୁ ହୋଇଛି। ଗାଡି ଡ୍ରାଇଭର କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ପଲାଶ ଗ୍ରାମର ସୁବାସ ମେହେର, ଭବାନୀପାଟଣାର ଚିନ୍ତାମଣୀ ପ୍ରଧାନ, ବସ କଣ୍ଡକ୍ଟର ରାଧାକାନ୍ତ ସାହୁ, ଜୁନାଗଡ ବ୍ଲକ ମହିଭର ଗ୍ରାମର ହେଲପର୍ ରାଜ କୁମାର ସୁନାନୀଙ୍କ ସମେତ ଶ୍ରମିକ ଦଲାଲ ବଲାଙ୍ଗୀର ସଦରର ଅଲିତ ମହାନନ୍ଦ, ରିତୁ ଧରୁଆ, ରବୀନ୍ଦ୍ର ସୁନା, ଲୋଚନ ଖର୍ସେଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ଆର୍‌ଟିଓଙ୍କୁ ସ୍ମାରକପତ୍ର ପ୍ରଦାନ

**ଦୁର୍ଘଟଣା ବଢାଉଛି ବେଆଇନ ପାର୍କିଂ**

**ବରଗଡ଼ ଅଫିସ,୧୦।୧୨**

ବରଗଡ଼ ସହର ଉପକଣ୍ଠ ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ବେଆଇନ ପାର୍କିଂ ବଢ଼ି ଚାଲିଛି। ଏହି ରାଜପଥ ଫୋର୍‌ଲେନ୍ ହୋଇଥିଲେ ସୁଦ୍ଧା ପାର୍କିଂ ଯୋଗୁ ଯାତାୟାତ ଅସୁରକ୍ଷିତ ହୋଇ ପଡ଼ିଛି। ଫଳରେ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏହି କ୍ରମରେ ଗୁରୁବାର ଭାଜପା ପକ୍ଷରୁ ସ୍ଥାନୀୟ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ୫୩ ନମ୍ବର ଜାତୀୟ ରାଜପଥ ଫୋର୍‌ଲେନ୍ ହେବା ପରେ ଏହି ରାସ୍ତାରେ ଦ୍ରୁତ ବେଗରେ ଯାନବାହନ ଯାତାୟାତ କରୁଛି। ବରଗଡ଼ ହଳଦୀପାଲି ଛକଠାରୁ ଟେଙ୍ଗନାନାଲି ଛକ ପର୍ଯ୍ୟନ୍ତ ରାଜପଥର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଗାଡ଼ି (ବଲ୍କ କଣ୍ଟେନର) ଦୀର୍ଘ ସମୟ ଧରି ଛିଡ଼ା ହୋଇ ରହୁଛି । ସେଭଳି ପାର୍କିଂ ଯୋଗୁ ଗୋଟିଏ ପାର୍ଶ୍ୱର ରାସ୍ତା ଅବରୋଧ ତଥା ସଙ୍କୁଚିତ ହୋଇ ପଡୁଛି। ତାହା ଯାତାୟାତରେ ବାଧା ସୃଷ୍ଟି କରୁଛି। ସେଥିପାଇଁ ନିୟମିତ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ଭାଜପା ଜିଲା ସଭାପତି ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ପ୍ରୀତମ ସିଂ, ସୁବ୍ରତ ହୋତା, ଅବନୀକାନ୍ତ ପଣ୍ଡା, ପରୀକ୍ଷିତ ଛତର, ପରେଶ ବିଶି ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ଦାଦନ ଗୋତିଶ୍ରମିକ ସୁରକ୍ଷା ମଞ୍ଚର ୬ ଦଫା ଦାବିପତ୍ର

**ବଲାଙ୍ଗୀର ଅଫିସ, ୧୦।୧୨**

ବିଶ୍ୱ ମାନବିକ ଅଧିକାର ଦିବସ ଅବସରରେ ବଲାଙ୍ଗୀର ଜିଲା ଦାଦନ ଗୋତି ଶ୍ରମିକ ସୁରକ୍ଷା ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ଟିଏମ୍‌ସି ତଥ୍ୟ ଅନୁସାରେ ପ୍ରତ୍ୟେକ ଦାଦନ ପରିବାରକୁ ଚିହ୍ନଟ କରାଯାଇ ତାଲିକା ପ୍ରସ୍ତୁତ କରାଯିବା, ସମସ୍ତ ପ୍ରବାସୀ ଶ୍ରମିକ ପରିବାରକୁ ସରକାରୀ କର୍ମନିଯୁକ୍ତି ଓ ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମରେ ସାମିଲ, ଦାଦନ ଯିବା ପାଇଁ ଚାହୁଁଥିବା ପ୍ରତ୍ୟେକ କରିବାରକୁ ପଞ୍ଚାୟତସ୍ତରରେ ପଞ୍ଜୀକରଣ ସୁନିଶ୍ଚିତ କରିବା ଓ ଅସାଧୁ ଠିକାଦାର ଓ ଦଲାଲମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

# ଲିଙ୍ଗଭିତ୍ତିକ ଅସମାନତା ରୋକିବା ନିମନ୍ତେ ଦାବିପତ୍ର

**ଜୁନାଗଡ, ୧୦।୧୨ (ଡି.ଏନ.ଏ.)**

ମହିଳା ହିଂସା ରୋକିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବିଡିଓଙ୍କ ଜରିଆରେ ନାଗରିକ ବିକାଶ ସଙ୍ଗଠନ ତଥା ମହିଳା ଶ୍ରମଜିବୀ ମଞ୍ଚ ପକ୍ଷରୁ ଏକ ୮ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ବିଡିଓ ଉପସ୍ଥିତ ନ ଥିବାରୁ ଏହାକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତୁଷାର ରଞ୍ଜନ ସାହୁ ଗ୍ରହଣ କରିଥିଲେ। ମହିଳା ଅଧିକାର ଓ ହିଂସା ଜନିତ ସମସ୍ତ ଅଦାଲତ ସମ୍ପର୍କିତ ତଥ୍ୟ ପାଇଁ ସରକାରୀସ୍ତରରେ ସ୍ୱତନ୍ତ୍ର ୱେବସାଇଟ୍ ଖୋଲାଯାଉ, ମହିଳା ସମ୍ପର୍କିତ ସମସ୍ତ ହିଂସାର ସମାଧାନ ଓ ସମସ୍ତବର୍ଗର ମହିଳାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ନିମନ୍ତେ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳକୁ ସବୁବେଳେ ସବୁସମୟରେ ସ୍ୱତନ୍ତ୍ର ଭାବେ ନିଯୁକ୍ତି କରାଯାଉ ଓ ଦଳରେ ୭୫ ଭାଗ ନିଯୁକ୍ତି ପ୍ରାଧାନ୍ୟ ଦିଆଯାଉ, ମହିଳା ସମ୍ପର୍କିତ ସମସ୍ତ


ନାଗରିକ ସଙ୍ଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ହିଂସାର ସମାଧାନ ଓ ସମସ୍ତ ବର୍ଗରମହିଳାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ନିମନ୍ତେ ସ୍ୱତନ୍ତ୍ର ମହିଳା କୋର୍ଟ ସ୍ଥାପନ କରାଯାଉ, ମହିଳା ସମ୍ପର୍କିତ ସମସ୍ତ ହିଂସାରେ ସାକ୍ଷୀମାନଙ୍କ ସୁରକ୍ଷା ପାଇଁ ବିଶେଷ ସୁବିଧା ସୁଯୋଗ ସହ ପ୍ରୋତ୍ସାହନ ସୁବିଧା ଉପଲବ୍ଧ କରାଯାଉ, ଓଡିଶା ସରକାର ସମସ୍ତ କାର୍ଯ୍ୟକ୍ଷେତ୍ରକୁ ନିର୍ଯାତନା ମୁକ୍ତ ଅଞ୍ଚଳ ଭାବେ ଘୋଷଣା କରନ୍ତୁ ଓ ମହିଳାମାନଙ୍କ ବିରୋଧରେ ଅନଲାଇନ ହିଂସାକୁ ରୋକିବା ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଜାରି କରନ୍ତୁ ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଙ୍ଗଠନ ସଭାନେତ୍ରୀ ଗୁଣ୍ଡିଚା ଭୋଇ, ସମ୍ପାଦିକା ଚମ୍ପା ନାଏକ, ବ୍ଲକ ସଂଯୋଜକ ମଧୁସୁଦନ ନାଏକ, ଉମେଶ ଚନ୍ଦ୍ର ବାଗ, ମନୋଜ କୁମାର ନାଏକ, ତୁଳସୀ ନାଏକ, ସୁଦର୍ଶନ ନାଏକ, ବିନୋଦ ବେମାଲ, ଟଙ୍କଧର କୁମାର, ଅଞ୍ଜନା ବେମାଲ, ଲଳିତା ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୨.୮ କୋଟିରେ ହେବ ସିପଟେକ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ


ସିପଟେକ୍ ଟ୍ରିଟମେଣ୍ଟ ପ୍ଲାଣ୍ଟର ଭୂମିପୂଜନ ସମାରୋହରେ ବରଗଡ଼ ବିଧାୟକ ଏବଂ ଅନ୍ୟମାନେ।

**ବରଗଡ଼ ଅଫିସ,୧୦।୧୨**

ବରଗଡ଼ ବ୍ଲକ ଅନ୍ତର୍ଗତ ତେନ୍ତଲାଠାରେ ୨କୋଟି ୮୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ସିପଟେକ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ହେବ । ବୁଧବାର ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏଥିପାଇଁ ଭୂମିପୂଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡ଼ି ନଗର ସଭାପତି କିଶୋର ମିଶ୍ର, ପିଙ୍କୁନ ମହାନ୍ତି, ପୌର ନିର୍ବାହୀ ଅଧିକାରୀ ଡଃ ରାଜେଶ ସାହୁ, ପୌର ଯନ୍ତ୍ରୀ ଅଜୟ କୁମାର ଶାହା, ପ୍ରଜ୍ଞା ପରିମିତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ତୈଳିକ ବୈଶ୍ୟ ସମାଜର ବୈଠକ

**ଅମରପାଲି,୧୦।୧୨(ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ତୈଳିକ ବୈଶ୍ୟ ସମାଜର ବୈଠକ ବଡଖମାରସ୍ଥିତ ବରାହପଦର ମଠ ପ୍ରାଙ୍ଗଣରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମାଜର ବ୍ଲକ ସଭାପତି ଗଙ୍ଗାଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସୁବର୍ଣ୍ଣପୁର ଜିଲା ସଭାପତି ପଙ୍କଜ ସାହୁ, ଉପସଭାପତି ସନ୍ତୋଷ ସାହୁ, ଦୟାନିଧି ସାହୁ, ବ୍ଲକ ଉପଦେଷ୍ଟା ଗୋପୀନାଥ ସାହୁ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ବୈଠକରେ ମୁଖ୍ୟତଃ ସାଙ୍ଗଠନିକ ସୁଦୃଢ଼ୀକରଣ ଓ ସଂସ୍କାରମୂଳକ ପଦକ୍ଷେପ ନେଇ ଆଲୋଚନା କରାଯାଇଥିଲା । ବ୍ଲକ ସମ୍ପାଦକ ସନ୍ତୋଷ ସାହୁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଧନଞ୍ଜୟ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶେଷରେ ରୁଦ୍ରାକ୍ଷ ସାହୁ ଧନ୍ୟବାଦ ଦେଇଥିଲେ ।

# କେବିକେ ଯୁଗ୍ମ ପ୍ରଶାସକଙ୍କ ସମୀକ୍ଷା ବୈଠକ ଅଧାରୁ ବାତିଲ

**ଲୋଇସିଂହା,୧୦।୧୨(ଡି.ଏନ.ଏ.)**

କେବିକେ ଯୁଗ୍ମ ପ୍ରଶାସକ ନୃପରାଜ ସାହୁ ଗୁରୁବାର ଆପରାହ୍ନରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗସ୍ତ କରିଥିଲେ। ବ୍ଲକରେ ଚାଲିଥିବା ଉନ୍ନୟନ କାମର ସମୀକ୍ଷା ସହ କେତେକ ଉନ୍ନୟନ କ୍ଷେତ୍ର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଥିଲା। ହେଲେ ଯୁଗ୍ମ ପ୍ରଶାସକ ସାହୁ ବିଡିଓ ରାମଚନ୍ଦ୍ର ଖାଡିଆଙ୍କ ପ୍ରକୋଷ୍ଠକୁ ଯାଇ ସମୀକ୍ଷା କରିବା ବେଳେ ଭାଜପା କର୍ମୀ ସେଠାକୁ ଧସେଇ ପଶିଥିଲେ। ଭାଜପା କର୍ମୀ ଟଙ୍କଧର ଗଡତ୍ୟା, ରଙ୍କ ପଣ୍ଡା, ଗୌରାଙ୍ଗ ନାଏକ, ସୁନୀଲ ଦାସ,ଭୂତନାଥ ନାଏକ ପ୍ରମୁଖ ବିଡିଓଙ୍କ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ । ବ୍ଲକରେ ଚାଲିଥିବା ଉନ୍ନୟନ କାମରେ ବ୍ୟାପକ ଦୁର୍ନୀତି ଚାଲିଛି। ଗୋଟିଏ ପ୍ରକଳ୍ପରୁ ବିଭିନ୍ନ ଉପାୟରେ ଦୁଇ ଦୁଇ ଥର ଦର୍ଶାଇ ଅନୁଦାନ ଅର୍ଥ ହଡପ କରାଯାଉଛି। କୁଶଙ୍ଗ ପଞ୍ଚାୟତର


ବୈଠକ ବାତିଲ ପରେ ବିଡିଓଙ୍କ ପ୍ରକୋଷ୍ଠରୁ ବାହାରି ଆସୁଛନ୍ତି କେବିକେ ଯୁଗ୍ମ ପ୍ରଶାସକ ନୃପରାଜ ସାହୁ।

**ବିଡିଓଙ୍କ ପ୍ରକୋଷ୍ଠକୁ ଧସେଇ ପଶିଲେ ଭାଜପା କର୍ମୀ**

ପିପିଲି ଗାଁରେ ଚେକଡ୍ୟାମ କାମରେ ଦୁର୍ନୀତି ହୋଇଛି। ଅଭିଯୋଗର ସପ୍ତାହକ ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହିସବୁ ଅଭିଯୋଗ କରି ଭାଜପା କର୍ମୀମାନେ ଯୁଗ୍ମ ପ୍ରଶାସକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦୁର୍ନୀତିର ଭିଜିଲାନ୍ସସ୍ତରୀୟ ତଦନ୍ତ ଦାବି କରିବା ସହ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସେମାନେ ଦାବି କରିଥିଲେ । ଭାଜପା କର୍ମୀଙ୍କ ପ୍ରତିବାଦ ଓ ହୋହଲ୍ଲା ପରେ ଯୁଗ୍ମ ପ୍ରଶାସକ ସମୀକ୍ଷା ବୈଠକୁ ଅଧାରୁ ବାତିଲ କରି ଫେରିଯାଇଥିଲେ। ଏହି ଅବସରରେ ଜିଲା ଯୋଜନା ବୋର୍ଡର ଜଣେ ବରିଷ୍ଠ ଅଧିକାରୀ,ଏବିଡିଓ ବିଜୟ କୁମାର ହୋତା, ବ୍ଲକ ଉପାଧ୍ୟକ୍ଷ ଜତିନ୍ଦ୍ର କୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ଉପରେ ବେପାର ମନା

**୩ ସ୍ଥାନ ଚିହ୍ନଟ, ତଦାରଖ କଲେ ଅଧିକାରୀ**

**ବଲାଙ୍ଗୀର ଅଫିସ,୧୦।୧୨**

ବଲାଙ୍ଗୀର ସହର ମୁଖ୍ୟ ରାସ୍ତା ଉପରେ ଆଗକୁ ଆଉ ବେପାର କରିବାକୁ ଦିଆଯିବ ନାହିଁ। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ କଡା ଆଭିମୁଖ୍ୟ ଗ୍ରହଣ କରାଯାଉଛି। ରାସ୍ତା ଉପରେ ଯେଉଁ ଉଠାଦୋକାନୀ ଓ ବ୍ୟବସାୟୀ ବେପାର କରୁଛନ୍ତି ସେମାନଙ୍କୁ ସହରର ନିର୍ଦ୍ଦିଷ୍ଟ ସ୍ଥାନରେ ଥଇଥାନ କରାଯାଇ ସହରର ମୁଖ୍ୟରାସ୍ତାରୁ ଭିଡ କମାଇବାକୁ ପଦକ୍ଷେପ ନିଆଯାଉଛି। ବଲାଙ୍ଗୀର ମ୍ୟୁନିସିପାଲିଟି ଦାୟିତ୍ୱରେ ଥିବା ଆଇଏଏସ୍ ପ୍ରୋବେସନର ମନୋଜ ମହାଜନ, ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ ଓ ମ୍ୟୁନିସିପାଲିଟି ଟିମ୍ ଗୁରୁବାର ସହରର ବିଭିନ୍ନ ମୁଖ୍ୟରାସ୍ତା ପରିଦର୍ଶନ କରିଥିଲେ। ରାସ୍ତା ଉପରେ ବସିଥିବା ବେପାରୀଙ୍କୁ ସେଠାରୁ ହଟିଯାଇ ସହର ମଧ୍ୟରେ ଭେଣ୍ଡିଂ ପାଇଁ ଚିହ୍ନଟ ସ୍ଥାନକୁ ଯାଇ ବେପାର କରିବାକୁ କହିଥିଲେ । ବାରମ୍ବାର ତାଗିଦ୍ ପରେ ମଧ୍ୟ ଯେଉଁମାନେ ନିର୍ଦ୍ଦେଶ ପାଳନ କରୁନାହାନ୍ତି ସେମାନଙ୍କଠାରୁ ଫାଇନ୍ ଆଦାୟ କରାଯାଉଛି। ଆଇଏଏସ୍ ପ୍ରୋବେସନର ମହାଜନ କହିଛନ୍ତି ଯେ, ସହର ଭିତରେ ମୁଖ୍ୟ ରାସ୍ତାରେ ଉଠାଦୋକାନୀଙ୍କ ଭିଡ ଯୋଗୁଁ ଅସୁବିଧା ହେଉଛି। ଜିଲା ପ୍ରଶାସନ ଏଭଳି ରାସ୍ତାକଡ ବ୍ୟବସାୟୀଙ୍କୁ ଉଚିତ୍ ଥଇଥାନ କରିବା ପାଇଁ ସ୍ଥାନ ଚିହ୍ନଟ କରିଛନ୍ତି। ସେଠାରେ ବେପାର କରାଗଲେ ଉଭୟ ବ୍ୟବସାୟୀ ଓ କ୍ରେତାଙ୍କ ପାଇଁ ସୁବିଧାଜନକ ହେବ। ଏହାଦ୍ୱାରା ସହର ମଧ୍ୟରୁ ଟ୍ରାଫିକ୍ ସମସ୍ୟା ଓ ଭିଡ ଦୂର ହେବ। ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଦୀପ କହିଛନ୍ତି ଯେ, ଭାଗିରଥି ଛକରୁ ଟିଟିଲାଗଡ ରାସ୍ତାକଡରେ ବେପାର କରୁଥିବା ଲୋକଙ୍କ ପାଇଁ ପ୍ୟାଲେସଲାଇନ୍ ଛକ ନିକଟ ୱେସ୍‌କୋ ଅଫିସ ପାଖ ପଡିଆରେ ସ୍ଥାନ ଚିହ୍ନଟ ହୋଇଛି। ସେହିଭଳି କଚେରୀ ଛକରୁ ପାଟଣାଗଡ ରାସ୍ତାରେ କଲେଜ ଛକ ପର୍ଯ୍ୟନ୍ତ ବସୁଥିବା ବେପାରୀଙ୍କୁ ସାପ୍ତାହିକ ହାଟପଦାରେ ବସାଯିବ। ଏଠାରେ ଏକ ନୂଆ ଡେଲିମାର୍କେଟ ତିଆରି କରାଯିବ। ଅନ୍ୟପକ୍ଷେ ପାଟଣା ହୋଟେଲ ଛକରୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ରାସ୍ତାକଡରେ ବସୁଥିବା ବେପାରୀଙ୍କୁ ହସ୍ପିଟାଲ ସମ୍ମୁଖ ପୁରୁଣା ଏଡିଏମ୍‌ଓ କ୍ୱାର୍ଟର୍ସର ଉଚ୍ଛେଦ ସ୍ଥାନରେ ଥଇଥାନ କରାଯିବାକୁ ସ୍ଥାନ ଚିହ୍ନଟ ହୋଇଛି । ଏହି ତିନୋଟି ସ୍ଥାନ ବ୍ୟତୀତ ରାସ୍ତା ଉପରେ ବ୍ୟବସାୟ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ବଲାଙ୍ଗୀର ସହରରେ ଟ୍ରାଫିକ୍ ସମସ୍ୟା କମାଇବା ପାଇଁ ସହରର ଅନେକ ରାସ୍ତାକଡରୁ ଜବରଦଖଲ ଉଚ୍ଛେଦ କରାଯାଇ ରାସ୍ତାକୁ ପ୍ରଶସ୍ତ କରାଯାଉଛି। ରାସ୍ତା ପ୍ରଶସ୍ତ ହେଲେ ଉକ୍ତ ରାସ୍ତାରେ ଉଠାଦୋକାନୀମାନେ ବେପାର ଆରମ୍ଭ କରିଦେଉଥିବା ଦେଖାଯାଉଛି। ଗୁରୁବାର ମ୍ୟୁନିସିପାଲିଟି ଟିମ୍ ସହରର ବିଭିନ୍ନ ରାସ୍ତା ପରିଦର୍ଶନ କରିଥିଲେ।

# ଭୂତଳ ପୋଲ ନିର୍ମାଣ ଦାବି ତେଜୁଛି

**ଦେବଗଡ଼, ୧୦।୧୨(ଡି.ଏନ.ଏ.)**

ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ) ପକ୍ଷରୁ ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଢେଇ ଗ୍ରାମଦେଇ ଯାଇଥିବା ମୁମ୍ବାଇ-କୋଲକାତା ସଂଯୋଗକାରୀ ୪୯ ନମ୍ବର ଜାତୀୟ ରାଜପଥ ଫୋର୍‌ଲେନ୍ କାର୍ଯ୍ୟ ଚାଲିଛି। କଣ୍ଢେଇଠାରେ ଏକ ଅଣ୍ଡର ପାସ୍ (ଭୂତଳ ରାସ୍ତା)ନିର୍ମାଣ ଦାବି କରି ଅଞ୍ଚଳବାସୀ ଦୀର୍ଘଦିନ ହେଲା ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଛନ୍ତି । ହେଲେ ବିଭାଗୀୟ କର୍ତ୍ତୃପକ୍ଷ ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ କରୁନାହାନ୍ତି। ମଙ୍ଗଳବାର ସ୍ଥାନୀୟ ସରପଞ୍ଚ ବିରଞ୍ଚି ବେହେରାଙ୍କ ଆବାହକତ୍ୱରେ କଣ୍ଢେଇ ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ଏ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ ଯୋଗଦେଇଥିଲେ। କଣ୍ଢେଇ ଗ୍ରାମର ଜନସଂଖ୍ୟା ପ୍ରାୟ ୪୨ଶହ ହୋଇଥିବା ବେଳେ ଜାତୀୟ ରାଜପଥର ଗୋଟିଏ ପାର୍ଶ୍ୱରେ ୨୭ଶହ ଲୋକ ବସବାସ କରିବା ସହ ସେଣ୍ଟ୍ରାଲ


ଅଞ୍ଚଳବାସୀଙ୍କ ସହ ବୈଠକରେ ଯୋଗଦେବାକୁ ଆସିଥିବା ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ।

- ଜାତୀୟ ରାଜପଥ ୪୯ରେ ଭୂତଳ ପୋଲ ନିର୍ମାଣ ପାଇଁ ବୈଠକ
- ବୈଠକରେ ଯୋଗଦେଲେ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ

ବ୍ୟାଙ୍କ, ଅପର ପାର୍ଶ୍ୱରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସେବା ସମବାୟ ସମିତି କାର୍ଯ୍ୟାଳୟ, ମିନି ବ୍ୟାଙ୍କ, ୪/୫ଟି ସ୍କୁଲ ଓ କଲେଜ ଆଦି ଥିବା ଦର୍ଶାଇଥିଲେ । ଉପରୋକ୍ତ ଶିକ୍ଷାନୁଷ୍ଠାନଗୁଡିକ ଉପରେ ୧୫ରୁ ଊର୍ଦ୍ଧ୍ୱ ଗ୍ରାମର ୨୦ ହଜାର ଲୋକ ନିର୍ଭର କରୁଥିବାରୁ ଉଭୟ ପାର୍ଶ୍ୱରୁ ସୁବିଧାରେ ଯାତାୟାତ ନିମନ୍ତେ ଗ୍ରାମର ମଧ୍ୟସ୍ଥଳୀରେ ୪୯ ନମ୍ବର ଜାତୀୟ ରାଜପଥରେ ଏକ ଅଣ୍ଡର ପାସ୍‌ର ଜରୁରୀ ଆବଶ୍ୟକତା ରହିଥିବା ଦର୍ଶାଇଥିଲେ। ଅଭିଯୋଗ ଶୁଣିବାପରେ ଏମ୍‌ପି ଗଙ୍ଗଦେବ ଏ ସମ୍ପର୍କରେ ଏନ୍ଏଚ୍ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ ଓ ଚିଫ୍ ଜେନେରାଲ ମ୍ୟାନେଜରଙ୍କ ସହ ଫୋନ ଯୋଗେ ଆଲୋଚନା କରି ତୁରନ୍ତ ଅଞ୍ଚଳବାସୀଙ୍କ ଦାବି ପୂରଣ ନିମନ୍ତେ ଜଣାଇଥିଲେ। ଦରକାର ପଡିଲେ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କ ସହ ଆଲୋଚନା କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ବୈଠକରେ ଜିଲା ପରିଷଦ ଉପାଧ୍ୟକ୍ଷ ଜୟକୃଷ୍ଣ ପ୍ରଧାନ, ଜିଲା ଭାଜପା ସଭାପତି ମୀନକେତନ ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ, ପୂର୍ବତନ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ, ପୂର୍ବତନ ସରପଞ୍ଚ ପ୍ରସନ୍ନ କୁମାର ନାୟକ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୧ ଡିସେମ୍ବର, ୨୦୨୦

## ଭାଷା ଗବେଷଣା କେନ୍ଦ୍ରକୁ ବିରୋଧ

ସମ୍ବଲପୁର,(ବ୍ୟୁରୋ): ହଳଧର ନାଗ ସମ୍ବଲପୁରୀ/କୋଶଲି ଭାଷା ଗବେଷଣା କେନ୍ଦ୍ରର ବୁଧବାର ବରଗଡ ଜିଲା ଘେସଁଠାରେ ଭୂମୀ ପୂଜନ କରାଯାଇଛି । ମନ୍ତ୍ରୀ ସୁଶାନ୍ତ ସିଂ ଏହାର ଭୂମୀ ପୂଜନ କରିଛନ୍ତି । ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ଏହାକୁ ତୀବ୍ର ବିରୋଧ କରିଛି । ଏ ନେଇ ଗୁରୁବାର ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ସାଧାରଣ ସମ୍ପାଦକ ହରିଶଙ୍କର ପଣ୍ଡା ଏକ ପ୍ରେସ ବିବୃତିରେ ସୂଚୀତ କରିଛନ୍ତି । ପଶ୍ଚିମ ଓଡିଶାର ଭାଷା ଆବାହନକାଳରୁ ସମ୍ବଲପୁରୀ ରହିଛି । ଏ ଅଞ୍ଚଳର ସାଂସ୍କୃତିକ ପ୍ରାଣକେନ୍ଦ୍ର ସମ୍ବଲପୁର ଅଟେ । ତେଣୁ ଉକ୍ତ କେନ୍ଦ୍ରର ପ୍ରତିଷ୍ଠା ସମ୍ବଲପୁରରେ ନକରି ଘେସଁଠାରେ ହେବା ଦୁର୍ଭାଗ୍ୟଜନକ ଅଟେ । ଭାଷା ଗବେଷଣା କେନ୍ଦ୍ର ସମ୍ବଲପୁରରେ ସ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଛନ୍ତି ।



### ସଂକ୍ଷେପରେ




## ସ୍ଥାୟୀ ନିଯୁକ୍ତି ଦାବିରେ ଷ୍ଟାଫ୍‌ନର୍ସଙ୍କ ଧାରଣା

ସମ୍ବଲପୁର,୧୦।୧୨(ବ୍ୟୁରୋ): ସ୍ଥାୟୀ ନିଯୁକ୍ତି ଦାବିନେଇ ଗୁରୁବାର ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଷ୍ଟାଫ୍‌ନର୍ସମାନେ ଧାରଣା ଦେଇଥିଲେ। କୋଭିଡ୍ ଭଳି ମହାମାରୀ ସମୟରେ ପ୍ରଥମେ ୨୯ ଓ ପରେ ୨୭ ଜଣଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯାଇଥିଲା। ସେମାନେ ଜୀବନକୁ ବାଜି ଲଗାଇ ସୁଚାରୁରୂପେ ନିଜ ଦାୟିତ୍ୱ ତୁଲାଇଥିଲେ। ଶିକ୍ଷାଗତ ଯୋଗ୍ୟତା ରହିଥିବା ବେଳେ କୋଭିଡ୍ ସମୟରେ କାମ କରିବାର ଅଭିଜ୍ଞତା ରହିଛି। ଏବେ ଜିଲାରେ ୧୪୨ ନର୍ସ ପଦ ଖାଲି ପଡିଛି। ତେଣୁ ଉକ୍ତ ସ୍ଥାନରେ ସ୍ଥାୟୀ ନିଯୁକ୍ତି ଦିଆଯାଉ ବୋଲି ଦାବି କରିଥିଲେ। ନର୍ସମାନଙ୍କ ଆନ୍ଦୋଳନକୁ ଜିଲା ଭାଜପା ସମର୍ଥନ କରିଛି। ଭାଜପା ଜିଲା ସଭାପତି ଗିରିଶ ପଟେଲ, ମାନସ ରଞ୍ଜନ ବକ୍ସି, ଯୁବ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଅଶ୍ୱିନୀ ମାଝି, ନୀଳାମ୍ବର ସିକନ୍ଦର, ରୁପେଶ କୁଅଁର, ସୁଧୀର ପରିଡା, କମଳଜିତ ସିଂ, ରାମଚନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଉପବାସରେ ରହିଲେ ଅନ୍ତେବାସୀ, ରୋଗୀ

ସମ୍ବଲପୁର, ୧୦।୧୨ (ବ୍ୟୁରୋ)

ସମ୍ବଲପୁର ଜିଲା ହାତୀବାରି କୁଷ୍ଠାଶ୍ରମରେ ଅବ୍ୟବସ୍ଥାର ଏକ ନଗ୍ନ ଚିତ୍ର ସାମ୍ନାକୁ ଆସିଛି। ବୁଧବାର ଅପରାହ୍ନରୁ ଗୁରୁବାର ସନ୍ଧ୍ୟା ପର୍ଯ୍ୟନ୍ତ ୧୫୭ଜଣ ଅନ୍ତେବାସୀ ଓ ରୋଗୀ ଭୋକଉପାସରେ ରହିଥିଲେ। ଖାଇବା ପାଇଁ ସେମାନେ ରୋଷେଇ ଘର ସମ୍ମୁଖରେ ବସିରହିଥିଲେ। ଏହି ଘଟଣା ଜିଲାରେ ଆଲୋଡନ ସୃଷ୍ଟି କରିଛି। ଜିଲାପାଳ ଶୁଭମ୍ ସକ୍‌ସେନାଙ୍କ ପାଖରେ ଅଭିଯୋଗ ପହଞ୍ଚିବା ପରେ ସେ ତୁରନ୍ତ ପଦକ୍ଷେପ ଗ୍ରହଣ କରିଥିଲେ। ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ଜିଲା ପ୍ରଶାସନର ଅଧିକାରୀମାନଙ୍କୁ ସମସ୍ୟା ସମାଧାନ କରିବାକୁ ତାଗିଦ କରିଥିଲେ। ଘଟଣାସ୍ଥଳରେ ଏଡିଏମ୍‌ଓ ଡା. ଅଶୋକ ଦାଶ, ଡା. ସୁଶୀଲ ଦାଶ, ଡା. ସ୍ମୃତିରଞ୍ଜନ ପାଣିଗ୍ରାହୀ ଓ ଝୁମୁରା ବିଡିଓ ସରୋଜ ବିଶ୍ୱାଳ ପହଞ୍ଚି ଆଲୋଚନା କରିଥିଲେ। ଅନ୍ତେବାସୀମାନେ ବିଭିନ୍ନ ସମସ୍ୟା ଉତ୍ଥାପନ କରିବା ସହ କୁଷ୍ଠାଶ୍ରମରେ ନିୟୋଜିତ ଥିବା ନର୍ସ, ଫାର୍ମାସିଷ୍ଟ ଓ ଅନ୍ୟ କର୍ମଚାରୀଙ୍କୁ ବଦଳି କରିବାକୁ ଦାବି କରିଥିଲେ।

ସେମାନେ ଦର୍ଶାଇଥିଲେ, ଏହି କର୍ମଚାରୀମାନେ ଠିକ୍ ସମୟରେ


ହାତୀବାରି କୁଷ୍ଠାଶ୍ରମର ରୋଷେଇ ଘର ସମ୍ମୁଖରେ ଅନ୍ତେବାସୀ।

ଆସୁନାହାନ୍ତି ଓ କାମ ମଧ କରୁନାହାନ୍ତି। ୪ଦିନ ହେଲା ରୋଗୀମାନଙ୍କୁ ଡ୍ରେସିଂ କରାଯାଉ ନାହିଁ। ଆମ ପାଇଁ ଆସୁଥିବା ଔଷଧ, ଶୀତବସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ହରିଲୁଟ କରାଯାଉଛି। ଏପରି କି ଏପ୍ରିଲରୁ ଡିସେମ୍ବର ପର୍ଯ୍ୟନ୍ତ ଦିନେ ମଧ ଆମିଷ ଭୋଜନ ଦିଆଯାଇ ନାହିଁ। ପୂର୍ବରୁ ୨ଜଣ ରୋଷେୟାଙ୍କୁ ୫ଜଣ ଅନ୍ତେବାସୀ (କୁଷ୍ଠରୋଗୀ) ରୋଷେଇ କାମରେ ସହଯୋଗ କରୁଥିଲେ। ହେଲେ ଏବେ ମାତ୍ର ଜଣେ ରୋଷେୟା ଥିଲେ ମଧ ୪ମାସ ହେଲା ତାଙ୍କ ପ୍ରାପ୍ୟ ବନ୍ଦ କରିଦିଆଯାଇଛି। ବାର୍ଦ୍ଧକ୍ୟଜନିତ ରୋଗ ଓ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ସହଯୋଗୀମାନେ ରୋଷେଇ କରିବାରେ ଅମଙ୍ଗ ହେଉଛନ୍ତି। ପୂର୍ବରୁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଏ ନେଇ ସୂଚନା ଦିଆଯାଇଥିଲା। ଜଣେ ମାତ୍ର ରୋଷେୟା ପ୍ରାୟ ୧୫୦ ଜଣଙ୍କ ଭୋଜନ ତିଆରି କରିବା ଅସମ୍ଭବ। ତେଣୁ ବୁଧବାର ରାତ୍ରଭୋଜନ, ଗୁରୁବାର ଜଳଖିଆ ଓ ମଧ୍ୟାହ୍ନଭୋଜନ ଦିଆଯାଇ ନାହିଁ। ଗୁରୁତର ଥିବା ୬ ମହିଳା ଓ ୧୪ ପୁରୁଷ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କୁ ଉତ୍ତମ ଚିକିତ୍ସା ଦିଆଯାଉ ନାହିଁ। ସେମାନେ ମଧ ଭୋକଉପାସରେ ରହିଛନ୍ତି। ୪ ଦିନ ହେଲା ମେଡିକାଲରେ ବିଦ୍ୟୁତ୍ ସଂଯୋଗ ନ ଥିଲା। ଅଧିକାରୀଙ୍କ ଅବହେଳା ଯୋଗୁ ଅନ୍ଧାରରେ ରୋଗୀମାନେ ରାତିସାରା ରହୁଥିଲେ। ବହୁ ଦିନରୁ ଡାକ୍ତର ପଦବୀ ଖାଲିପଡିଛି। ଆମକୁ ନିଜେ ରୋଷେଇ କରି ଖାଇବା ପାଇଁ କହୁଛନ୍ତି। ହେଲେ ପରିଣତ ବୟସରେ ଓ ରୋଗରେ ପୀଡିତ ଥାଇ କିଭଳି ରୋଷେଇ କରି ଖାଇବୁ ସେ ନେଇ ସରକାର ଚିନ୍ତା କରନ୍ତୁ। ତେଣୁ ରୋଷେୟା ନିଯୁକ୍ତି କରାଯାଉ ବୋଲି ଦାବି କରିଥିଲେ। ଉପସ୍ଥିତ ଅଧିକାରୀମାନେ ସମସ୍ତ ଅଭିଯୋଗ ଉପରେ ଆଲୋଚନା କରାଯାଇ ସମାଧାନ କରାଯିବ। ଏକ ସପ୍ତାହ ପାଇଁ ରୋଷେଇ କାମରେ ସହଯୋଗ କରି ଖାଇବା ତିଆରି କରନ୍ତୁ। ପରେ ସ୍ଥାୟୀ ରୋଷେୟା ଓ ଅନ୍ୟ ସମସ୍ୟାଗୁଡିକ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅପରାହ୍ନ ୩ଟାରେ ରନ୍ଧାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏ ସମ୍ପର୍କରେ ଏଡିଏମ୍‌ଓ ଦାଶ କହିଛନ୍ତି ଯେ, ରୋଷେୟାକୁ ନେଇ ରନ୍ଧା ବନ୍ଦ ରହିଥିଲା। ଆଲୋଚନା ପରେ ରନ୍ଧାକାର୍ଯ୍ୟ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ସମସ୍ତ ସମସ୍ୟା ସମାଧାନ କରାଯିବ।

### କୁଷ୍ଠାଶ୍ରମରେ ଅବ୍ୟବସ୍ଥା

- ଚିକିତ୍ସାରେ ଅବହେଳା ଅଭିଯୋଗ
- କର୍ମଚାରୀଙ୍କ ବଦଳି, ରୋଷେୟା ନିଯୁକ୍ତି ଦାବି
- ୯ ମାସ ହେଲା ଆମିଷ ମିଳିନାହିଁ

## ତିନିଦିନିଆ ହକି ପ୍ରତିଯୋଗିତା ଉଦ୍‌ଘାଟିତ

ଲହୁଣୀପଡା, ୧୦।୧୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଏଲାବେକା ଗ୍ରାମର ଗ୍ରୀନ ଇଲେଭେନ୍ ହକି କ୍ଲବ ପକ୍ଷରୁ ତିନି ଦିନିଆ ହକି ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଲହୁଣୀପଡା ସରପଞ୍ଚ ଜୁଲିଆନି କାଣ୍ଡିର, ସମ୍ମାନୀତ ଅତିଥି ଭାବେ ପୂର୍ବତନ ସରପଞ୍ଚ ପ୍ୟାରା ବାର୍ଲା, ମଦନସୁନ୍ଦର ମାହାନ୍ତ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କୁମାର ଗୌତମ ବାରିକ ଯୋଗଦେଇଥିଲେ। ସୁନିଲ ଗୁରିଆ ପରିଚୟ ପ୍ରଦାନ କରିବା ସହିତ ହକି କ୍ରୀଡା ପ୍ରତିଯୋଗୀତା ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ଦାଉଦ ଖାଲୋକ ଅଧକ୍ଷତା କରିଥିଲେ। ଏଥିରେ ମୋଟ ୩୧ଟି ଦଳ ଯୋଗଦେଇ ଟକରା ଓ ସାନଯୋଡାଲଇ ଯୋଗଦେଇ ଉଦଘାଟନୀ ମ୍ୟାଚ ଖେଳି ସାନଯୋଡାଲଇ ବିଜୟୀ ହୋଇଥିଲା। ସରେନ ଟପ୍ପୋ, ଅନିଲ ଗୁରିଆ, ଜେମ୍ସ ବାର୍ଲା, ହିତକେଲ ଗୁରିଆ, ଅଭିଜିତ କାଣ୍ଡୁଲାନା, ବାର୍ଣାବାଚ ଟପ୍ପୋ, ରଣଜିତ ବାର୍ଲା ପ୍ରମୁଖ ଗ୍ରୀନ ଇଲେଭେନ କମିଟିର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୈଦ୍ୟନାଥ ପ୍ୟାକ୍ସ କାର୍ଯ୍ୟାଳୟର ନୂତନ କୋଠା ଉଦ୍‌ଘାଟିତ

ସୋନପୁର,୧୦।୧୨(ନି.ପ୍ର.): ସୋନପୁର ବ୍ଲକ ବୈଦ୍ୟନାଥ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) କାର୍ଯ୍ୟାଳୟର ନୂତନ କୋଠା ଛେପାପାଲି ଠାରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସୋନପୁର ବିଧାୟକ ତଥା ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କୋଠାକୁ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବରେ ସୋନପୁର ବ୍ଲକ ଅଧକ୍ଷା ମନ୍ଦାକିନୀ ନାଗ, ଉପନିବନ୍ଧକ ସମବାୟ ସମିତି ସମୂହ ପ୍ରଶାନ୍ତ ମହାନ୍ତି, ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ସମ୍ପାଦକ ରବୀନ୍ଦ୍ର ସାହୁ, ସୋନପୁର ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଗିରିଶ ଚନ୍ଦ୍ର ପୁରୋହିତ, ହରଡଖୋଲ ସରପଞ୍ଚ ତୃପ୍ତି କୁଅଁର, ବୈଦ୍ୟନାଥ ପ୍ୟାକ୍ସ ସଭାପତି ରାଜ କୁମାର ସୁନା ଓ ସମ୍ପାଦକ ଦିଲିପ ସୁନା ଯୋଗ ଦେଇଥିଲେ । ସମବାୟ ବ୍ୟାଙ୍କ ସୋନପୁର ଶାଖାର ବ୍ୟାଙ୍କ କର୍ମଚାରୀ ସୁପରଭାଇଜର ଓ ସମ୍ପାଦକମାନେ ଏଥିରେ ସହଯୋଗ କରିଥିଲେ ।

# ପ୍ରତିକାର ଦାବିରେ ଅତିରିକ୍ତ ଜିଲାପାଳଙ୍କ ସହ ଆଲୋଚନା

ସୁନ୍ଦରଗଡ୍, ୧୦।୧୨ (ଡି.ଏନ୍.ଏ)

### ବଣାଇ ଉପଖଣ୍ଡରେ ବୃଦ୍ଧି ପାଉଛି ସଡକ ଦୁର୍ଘଟଣା

ସୁନ୍ଦରଗଡ୍ ଜିଲା ବଣାଇ ଉପଖଣ୍ଡରେ ଦିନକୁ ଦିନ ସଡକ ଦୁର୍ଘଟଣା ବୃଦ୍ଧି ପାଉଛି। ଦୁର୍ଘଟଣାଜନିତ ମୃତ୍ୟୁ ଘଟଣାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଉପଖଣ୍ଡରେ ଦୁର୍ଘଟଣାକୁ ରୋକିବା ପାଇଁ ପରିବହନ ଆଇନ୍‌କୁ କଡାକଡି କାର୍ଯ୍ୟକାରୀ କରିବା ଓ ଏ ଦିଗରେ ପ୍ରତିକାର ସ୍ୱରୂପ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ ସକାଶେ ସାମାଜିକ କର୍ମୀ ଶାନ୍ତନୁ କୁସୁମଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଗୁରୁବାର ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କୁ ସାକ୍ଷାତ ଆଲୋଚନା କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଇଛନ୍ତି, ବିଗତ ୨ବର୍ଷ ମଧ୍ୟରେ ବଣାଇ ଉପଖଣ୍ଡରେ ୩୩ଟି ସଡକ ଦୁର୍ଘଟଣା ଘଟିଥିବା ବେଳେ ଜଣେ ଶିଶୁ ସମେତ ୧୫ଜଣଙ୍କ ମୃତ୍ୟୁ ଘଟିଛି। ଏଥିସହ ୪୧ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଆଗାମୀ ଦିନରେ ପରିବହନ ଆଇନ୍‌କୁ ଯଦି କଡାକଡି କରା ନ ଯାଏ, ତେବେ ଦୁର୍ଘଟଣା ସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହି ଥିବାରୁ ସାଧାରଣ ଜନତାଙ୍କ ଧନଜୀବନର ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରଶାସନ ଓ ପୋଲିସ ତଥା ପରିବହନ ବିଭାଗ ଏଦିଗରେ ଦୃଢ ପଦକ୍ଷେପ ଗ୍ରହଣ ସକାଶେ ସେ ଦାବି କରିଛନ୍ତି। ଅଭିଯୋଗକୁ ବିସ୍ତୃତ ଭାବେ ଅନୁଧ୍ୟାନ କଲା ପରେ ଅତିରିକ୍ତ ଜିଲାପାଳ ମହାପାତ୍ର ଏଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ସକାଶେ ରାଉରକେଲା ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ବଣାଇଁ ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସାକ୍ଷାତ ଆଲୋଚନା ବେଳେ ଅଜିତ କୁମାର ପ୍ରଧାନ ଓ ସିଦ୍ଧାନ୍ତ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ପିଙ୍କୁ ଦାବିପତ୍ର ଦେଲା ଯୁବକଂଗ୍ରେସ

କୁଆଁରମୁଣ୍ଡ, (ଡି.ଏନ.ଏ.)/ ରାଉରକେଲା ଅଫିସ ୧୦।୧୨:

ରାଉରକେଲା ପ୍ଲାଣ୍ଟ ସାଇଟ୍ ଥାନା ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏପରି ଅଭିଯୋଗ ନେଇ ଗୁରୁବାର ରାଉରକେଲା ଜିଲା ଯୁବ କଂଗ୍ରେସ ପକ୍ଷରୁ ୫ ଦଫା ସମ୍ବଳିତ ଏକ ଦାବିପତ୍ର ରାଉରକେଲା ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପିଙ୍କୁ ଗୁରୁବାର ପ୍ରଦାନ କରାଯାଇଛି। ରାଉରକେଲା ଜିଲା ଯୁବ କଂଗ୍ରେସ ସଭାପତି ପ୍ରବୋଧ ଦାସଙ୍କ ନେତୃତ୍ୱରେ ପ୍ରତିନିଧିମଣ୍ଡଳୀ ଏହା ପ୍ରଦାନ କରିଥିଲେ। କେତେକ ପୋଲିସ ଅଧିକାରୀ କାର୍ଯ୍ୟରତ ଥାଇ ସର୍ବସାଧାରଣରେ ମାସ୍କ ବ୍ୟବହାର ନ କରି କୋଭିଡ-୧୯ ନିୟମକୁ ଉଲ୍ଲଂଘନ କରୁଥିବା ବେଳେ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଆସନ୍ତା ୨ ସପ୍ତାହ ମଧ୍ୟରେ ଏସ୍‌ପି କାର୍ଯ୍ୟାନୁଷ୍ଠାନ ଏପରିକି ସମ୍ପୃକ୍ତ ପୋଲିସ ଅଧିକାରୀଙ୍କୁ ଏଠାରୁ ଅନ୍ୟତ୍ର ବଦଳି ନ କରନ୍ତି ତେବେ ଯୁବ କଂଗ୍ରେସ ବାଧ୍ୟହୋଇ ରାଜରାସ୍ତାକୁ ଓହ୍ଲାଇବ ବୋଲି ଯୁବ କଂଗ୍ରେସ ସଭାପତି ଦାସ କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ଜିଲା ଯୁବ କଂଗ୍ରେସ ସଭାପତି ଦାସଙ୍କ ସହ ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଶିବୁ ଦୀପ୍, ଯୁବ କଂଗ୍ରେସ ଉପସଭାପତି ପ୍ରସନ୍ନ ବଳିୟାର ସିଂହ, ପୂର୍ବତନ ଜିଲା କଂଗ୍ରେସ ଉପାଧ୍ୟକ୍ଷ ବିଜୟଶଙ୍କର ପୁରୋହିତ, ରାଜକୁମାର ଯାଦବ, ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ବାରିକ୍, ଛାତ୍ରନେତା ସଦାବ ଅହମ୍ମଦ, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସାକିର ହୁସେନ ପ୍ରମୁଖ ଉପସ୍ଥିତ ଥିଲେ।

# ଜୈବବିବିଧତା ସୁରକ୍ଷା ନେଇ ଜାତୀୟ ସେମିନାର

ବୌଦ୍ଧ,୧୦।୧୨(ସ୍ୱ.ପ୍ର.)

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ତରଫରୁ ଅନ୍‌ଲାଇନ ମାଧ୍ୟମରେ ଏକ ଜାତୀୟ ଆଲୋଚନାଚକ୍ର ଗୁରୁବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। 'ଜୈବ ବିବିଧତାର କ୍ଷୟ ପୃଥିବୀ ପାଇଁ ବିପଦ'ଶୀର୍ଷକ ଏହି ଆଲୋଚନାଚକ୍ରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିବା ସହ ବର୍ତ୍ତମାନ ସମୟରେ ଜୈବ ବିବିଧତାର ସୁରକ୍ଷା ଦିଗରେ ସମସ୍ତେ ଧ୍ୟାନ ଦେବାକୁ ଆହ୍ୱାନ କରିଥିଲେ। ଆଲୋଚନାଚକ୍ରର ସଂଯୋଜକ ତଥା ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରବୀର କୁମାର ଦାସ ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଏହି ଆଲୋଚନାଚକ୍ରରେ ୩ ଜଣ ଜାତୀୟ ସ୍ତରର ବୈଜ୍ଞାନିକ ଯୋଗଦେଇ ଜୈବ ବିବିଧତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରଥମେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ତଥା ପ୍ରସିଦ୍ଧ ଉଦ୍ଭିଦ ବିଜ୍ଞାନୀ ଡ. ମଳୟ କୁମାର ମିଶ୍ର ଓଡ଼ିଶାର ବିଭିନ୍ନ ଅଞ୍ଚଳର ଜୈବ ବିବିଧତା ଓ ତାର କ୍ଷୟ ଉପରେ ଗବେଷଣାତ୍ମକ ତଥ୍ୟ ପ୍ରଦାନ କରିଥିଲେ। ପଶ୍ଚିମବଙ୍ଗର ମେଦିନିପୁର ଜିଲା ମହାଣପୁରଠାରେ ଥିବା ସରକାରୀ ସ୍ନାତକ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ଦ୍ୱାୟୀପାୱାନ ସିହ୍ନା ଶଙ୍କର ଜାତୀୟ ଶସ୍ୟ ଓ ଫଳ ଚାଷ କରିବା ଦ୍ୱାରା କିପରି ଆମର ପାରମ୍ପରିକ ପ୍ରଜାତି ଧୀରେ ଧୀରେ ଲୋପ ପାଇଯାଉଛି ସେ ବିଷୟରେ ଆଲୋଚନା କରିଥିଲେ। ଆଞ୍ଚଳିକ ପ୍ରାକୃତିକ ସଂଗ୍ରହାଳୟ ମହୀଶୁର କର୍ଣ୍ଣାଟକର ବରିଷ୍ଠ ବୈଜ୍ଞାନିକ ଡ. ଆମ୍ ବିଜୟ କିପରି ପୃଥିବୀରୁ ଅନେକ ପ୍ରକାର ଜୀବଜନ୍ତୁ ଲୋପ ପାଉଛନ୍ତି ତାର କାରଣ ଏବଂ ନିରାକରଣ ଉପରେ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଏଥିରେ ଓଡ଼ିଶା, ଆସାମ, ମହାରାଷ୍ଟ୍ର , ଛତିଶଗଡ, ବିହାର, ରାଜସ୍ଥାନ, ଉତ୍ତରପ୍ରଦେଶ ଇତ୍ୟାଦି ୧୨ଟି ରାଜ୍ୟର ଶହେରୁ ଉର୍ଦ୍ଧ୍ୱ ଜୀବ ବିଜ୍ଞାନୀ, ପ୍ରକୃତିପ୍ରେମୀ, ଅଧ୍ୟାପକ, ଶିକ୍ଷକ, ଗବେଷକ ଓ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଆଲୋଚନାଚକ୍ରରେ ଅଧ୍ୟାପିକା ଅମ୍ରିତା କୁମାରୀ ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ନରେଶ ବେହେରା, କଲ୍ୟାଣ ମହାପାତ୍ର, ଟି.ଶଙ୍କର ଦୋରା ପ୍ରମୁଖ ସହଯୋଗ କରିଥିଲେ।


ଆଲୋଚନାଚକ୍ରରେ ଉପସ୍ଥିତ ଛାତ୍ରୀଛାତ୍ର ।

## ମୂର୍ତ୍ତି କାରିଗର ବାବାଜୀ ଚରଣ ସ୍ୱାଇଁଙ୍କ ପରଲୋକ



ବୌଦ୍ଧ, ୧୦।୧୨(ସ୍ୱ.ପ୍ର.): ଜଣାଶୁଣା ମୂର୍ତ୍ତି କାରିଗର ତଥା ବୌଦ୍ଧ ସହର ନୂଆସାହିର ବାବାଜୀ ଚରଣ ସ୍ୱାଇଁ(୭୫)ଙ୍କ ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ସ୍ୱାଇଁ ବିଭିନ୍ନ ମୂର୍ତ୍ତି, ମନ୍ଦିର, ତୋରଣ ନିର୍ମାଣ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ପୁରୁଣା କଟକସ୍ଥିତ ମା' ଭୈରବୀଙ୍କ ମନ୍ଦିରର ମୁଖ୍ୟ ତୋରଣ, ବୌଦ୍ଧ ନୟାଗଡ ଜିଲାର ପ୍ରବେଶ ପଥ ତୋରଣ, ବୌଦ୍ଧ ମହାନଦୀର ତୋରଣ, ସୁବର୍ଣ୍ଣପୁର ଜିଲା ସୁରେଶ୍ୱର ମନ୍ଦିରର ମୁଖ୍ୟ ତୋରଣ ଓ ନଳନୀ ଛକ ତୋରଣ ଆଦି ନିର୍ମାଣ କରିଥିଲେ। ଏଥିସହ ରାଜ୍ୟର ଅନ୍ୟ ଜିଲାରେ ମଧ୍ୟ ତାଙ୍କର ଅନେକ କୃତି ରହିଛି। କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଜିଲା ପ୍ରଶାସନ ପକ୍ଷରୁ ବହୁବାର ପୁରସ୍କୃତ କରାଯାଇଥିଲା। ଜିଲା ବାହାରେ ମଧ ସେ ତାଙ୍କର କାରିଗରି ବିଦ୍ୟା ଯୋଗୁ ସମ୍ମାନିତ ହୋଇଥିଲେ। ଟାଉନସ୍ଥିତ ରାଜଘାଟରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ସାନପୁଅ କପିଳ କୁମାର ସ୍ୱାଇଁ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

# ସୋଲାର ପାନୀୟ ଜଳ ପ୍ରକଳ୍ପ ଅଚଳ

ବିନିକା, ୧୦।୧୨(ଡି.ଏନ୍.ଏ.)

ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାରୀ ସ୍ତରରେ ବିଭିନ୍ନ ଯୋଜନା ପ୍ରଣୟନ ହେବା ସହ ବିପୁଳ ଅର୍ଥ ବ୍ୟୟ ହେଉଛି । ତେବେ ଅଧିକାଂଶ ସ୍ଥାନରେ ଯୋଜନାର ସୁଫଳ ପାଇବାରୁ ଗ୍ରାମବାସୀ ବଞ୍ଚିତ ହୋଇ ହନ୍ତସନ୍ତ ହେଉଛନ୍ତି । ସୋନପୁର ସଦର ବ୍ଲକ ଲଛିପୁର ଗ୍ରାପ ଅସୁରମୁଣ୍ଡା ଗ୍ରାମରେ ଥିବା ସୋଲାର ପାନୀୟ ଜଳ ପ୍ରକଳ୍ପକୁ ଦେଖିଲେ ଏହାର ସ୍ପଷ୍ଟ ଚିତ୍ର ମିଳେ । ଦୁଇବର୍ଷ ହେଲାଣି ଏହି ପ୍ରକଳ୍ପ ଅଚଳ ହୋଇପଡିଛି। ଫଳରେ ଲୋକଙ୍କୁ ଦୂର ସ୍ଥାନକୁ ଯାଇ ପାଣି ଆଣିବାକୁ ପଡୁଛି। ଅନେକ ସମୟରେ ପାଣି ସଂଗ୍ରହକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ୬ ଶହରୁ ଉର୍ଦ୍ଧ୍ୱ ଲୋକ ଏହି ଗାଁରେ ବସବାସ କରନ୍ତି ।

# ଡିଆର୍‌ସିଏସ୍‌ଙ୍କୁ ଘେରିଲେ ଚାଷୀ

ସମ୍ବଲପୁର,୧୦।୧୨(ବ୍ୟୁରୋ)

### ଟୋକନ୍ ଓ କଟ୍‌ନୀଛଟ୍‌ନୀ ସମସ୍ୟା

ସମ୍ବଲପୁର ଜିଲା ବିଶାଳଖିଣ୍ଡା ଅଞ୍ଚଳର ଚାଷୀମାନେ ଗୁରୁବାର ଡିଆର୍‌ସିଏସ୍ ଲିଙ୍ଗରାଜ ନାଏକଙ୍କୁ ଘେରାଉ କରିଥିଲେ। ମାର୍କେଟରେ ଅବ୍ୟବସ୍ଥା ଓ ମିଲର୍ସଙ୍କ ଟାର୍ଗେଟକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ମିଲ୍‌ଗୁଡିକୁ ଟାର୍ଗେଟ ଦେବାରେ ପାତରଅନ୍ତର କରାଯାଉଛି। ଶତାଧିକ ଚାଷୀ ଧାନ ବିକ୍ରି କରିବାକୁ ଆସୁଥିବାବେଳେ ଗୋଟିଏ ମିଲକୁ ଧାନ ଯାଉଛି। ଉକ୍ତ ମିଲ୍ କଟ୍‌ନୀଛଟ୍‌ନୀ କରିବା ସହ ଧାନଗାଡି ଖାଲି କରୁନାହିଁ। ଫଳରେ ଚାଷୀମାନେ ହଇରାଣ ହେଉଛନ୍ତି। ବିଶାଳଖିଣ୍ଡା ମାର୍କେଟରେ ଟ୍ୟାଗ ହୋଇଥିବା ସମସ୍ତ ମିଲର୍ସଙ୍କୁ ଧାନ ସଂଗ୍ରହ ପାଇଁ ଟାର୍ଗେଟ ଦିଆଯାଉ ବୋଲି ଦାବି କରିଥିଲେ। ଏ ସମ୍ପର୍କରେ ଡିଆର୍‌ସିଏସ୍ ନାଏକ କହିଛନ୍ତି, ସମସ୍ୟାକୁ ନେଇ ଚାଷୀମାନଙ୍କ ସହ ଆଲୋଚନା ହୋଇଥିଲା। ଯୋଗାଣ ବିଭାଗ ସହ ଆଲୋଚନା କରି ମିଲର୍ସଙ୍କ ଧାନ ସଂଗ୍ରହ ଟାର୍ଗେଟ ବୃଦ୍ଧି କରାଯାଇଛି।


ଡିଆର୍‌ସିଏସ୍‌ଙ୍କ ସହ ଚାଷୀମାନେ ଆଲୋଚନା କରୁଛନ୍ତି ।

# ଚିକିତ୍ସା ସୁବିଧା ନ ମିଳିବା ପ୍ରତିବାଦରେ ଧାରଣା

ଲୋଇସିଂହା,୧୦।୧୨(ଡି.ଏନ.ଏ)

ଲୋଇସିଂହା ବ୍ଲକ ଗଡଶଙ୍କର ଡୁଙ୍ଗରିପାଲି ପଞ୍ଚାୟତ ସଦର ଗାଁର କ୍ଷୁଦ୍ର ଚାଷୀ ବିରଞ୍ଚି ପଧାନ ୨୦୧୯ମସିହାରୁ ମୁତ୍ରାଶୟ ଓ ବଷ୍ଟୁଲା ରୋଗୀରେ ପୀଡିତ। ଅର୍ଥଭାବରୁ ତାଙ୍କର ଚିକିତ୍ସା ହୋଇ ପାରୁ ନ ଥିଲା। ରେଙ୍ଗାଲି ସମିତି ସଭ୍ୟ ବ୍ୟାସଦେବ ଥାନପତି ତାଙ୍କୁ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ । ପରେ ତାଙ୍କୁ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଥିଲା । ସେଠି ଡାକ୍ତର ଏମଆରଆଇ କରିବାକୁ ପରାମର୍ଶ ଦେଇଥିଲେ। ଅର୍ଥାଭାବରୁ ଜିଲା ପ୍ରଶାସନ ଚିକିତ୍ସା ଖର୍ଚ୍ଚ ବହନ ଲାଗି ଡେପୁଟି କଲେକ୍ଟରଙ୍କ ଜରୁରି ଶାଖାକୁ ଥନାପତି ଅନୁରୋଧ କରିଥିଲେ । ଡେପୁଟି କଲେକ୍ଟର ଖର୍ଚ୍ଚ ଆକଳନ କରିବାକୁ ସିଡିଏମ୍‌ଓ ଡା ଭୀମସେନ ସାହୁଙ୍କୁ କହିଥିଲେ। ପରେ ସିଡିଏମଓ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଅଧ୍ୟକ୍ଷଙ୍କୁ ଜଣାଇଥିଲେ। ତେବେ ମେଡିକାଲ କର୍ତ୍ତୃପକ୍ଷ ହଠାତ୍ ବିରଞ୍ଚିଙ୍କୁ ବୁର୍ଲା ସ୍ଥାନାନ୍ତର କରିଦେଲେ। ହେଲେ ଏମଆରଆଇ ଟେଷ୍ଟ ଦୂରେ ଥାଉ ବେଡ ଉପଲବ୍ଧ କରାଯାଇ ନ ଥିଲା। ଫଳରେ ବିରଞ୍ଚି ଚିକିତ୍ସା ନ ପାଇ ଫେରିଆସିଲେ। ଏଥିପାଇଁ ଭୀମ ଭୋଇ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଦାୟି କରି ସମିତି ସଭ୍ୟ ଥାନପତି ବ୍ଲକ ଅଫିସ ଆଗରେ ଗୁରୁବାର ଧାରଣା ଦେଇଥିଲେ।

## ଆଇନଜୀବୀ ଶୁଭେନ୍ଦ୍ର ମିଶ୍ରଙ୍କ ପରଲୋକ

ମନମୁଣ୍ଡା,୧୦।୧୨(ଡି.ଏନ.ଏ.): ବୌଦ୍ଧ ଜିଲା ମନମୁଣ୍ଡା ଥାନା ଯୋଗୀନ୍ଦ୍ରପୁର ପଞ୍ଚାୟତ କେଉଁଟିପାଲି ନିବାସୀ ବରିଷ୍ଠ ଆଇନଜୀବୀ ତଥା ବିଜେଡି ନେତା ଶୁଭେନ୍ଦ୍ର ନାରାୟଣ ମିଶ୍ର (ନାନୁ)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ବଡପୁଅ ଶିଳାଦିତ୍ୟ ମୁଖାଗ୍ନି ଦେଇଥିଲେ ।

# ସୁନୁସୁନିଆ ଶାଗ ଦେଇଛି ବଞ୍ଚିବାର ରାହା

ରାଉରକେଲା ଅଫିସ, ୧୦।୧୨

ରାଉରକେଲା ନିକଟବର୍ତ୍ତୀ ଜଳଦା ପଞ୍ଚାୟତ ଅନ୍ତର୍ଗତ ଗୁଙ୍ଗୁରିଟୋଲା ବସ୍ତିରେ ରହୁଥିବା ଆଦିବାସୀ ବୃଦ୍ଧ ଦମ୍ପତି ଜଙ୍ଗା ମୁଣ୍ଡା (୬୫) ଓ ତାଙ୍କ ସ୍ୱାମୀ ହରି (୭୦)ଙ୍କୁ ବଞ୍ଚିବାର ରାହା ଦେଇଛି ସୁନୁସୁନିଆ ଶାଗ। ନିଜର ଏକମାତ୍ର ପୁଅ ଅଲଗା ରହୁଥିବାରୁ ବୃଦ୍ଧ ଦମ୍ପତି ବେସାହାରା ହୋଇପଡ଼ିଛନ୍ତି । ସେମାନଙ୍କର ଭଡା କିମ୍ବା ଅନ୍ୟ କୌଣସି ଆୟ ଉପାୟ ନ ଥିବାବେଳେ ୮ ବର୍ଷରୁ ଅଧିକ ହେଲାଣି ସୁନୁସୁନିଆ ଶାଗ ଚାଷ କରି ଚଳୁଛନ୍ତି।

ଆବାସ ଯୋଜନାରେ ଘର ପାଇନାହାନ୍ତି। ଜରିପାଲ ଢଙ୍କା କଚା ଘର ଖଣ୍ଡିକରେ ରହୁଛନ୍ତି। ଆସବାବପତ୍ର କହିଲେ ହାଣ୍ଡି, ଡେକ୍ଚି ଓ ବାସନ କେଇଖଣ୍ଡ। ଘରେ ନାହିଁ ବିଜୁଳି ଆଲୋକ। ରାତିରେ ଅନ୍ଧାରରେ ଡିବି ଆଲୁଅ ଜାଳି କାମ ଚଳାଇବାକୁ ପଡେ। ଭଡା ପାଇବାକୁ ସରକାରୀ ବାବୁଙ୍କୁ ନେହୁରା ହେବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଏହା ସମ୍ଭବ ହୋଇପାରିନି। ଚଳିବା ପାଇଁ ଅର୍ଥ ଅଭାବ ହେବାରୁ ପ୍ରଥମେ ଜଣେ ବ୍ୟକ୍ତିଙ୍କଠାରୁ ଜମି ମାଗି ସୁନୁସୁନିଆ ଚାଷ କରିଥିଲେ। ଏହି ଶାଗର ଲଟା ମାଗି ଆଣି ଜମିରେ ପକାଇଥିଲେ। ଭଲ ଶାଗ ହେବାରୁ ସେମାନେ ବିକି କିଛି ଟଙ୍କା ପାଇଥିଲେ। ସେବେଠାରୁ ସେମାନେ ଏହି ଚାଷ କରିଆସୁଛନ୍ତି। ବର୍ଷାଋତୁକୁ ବାଦ୍ ଦେଲେ ଅନ୍ୟ ସବୁ ସମୟରେ ଶାଗ ଅମଳ ହେଉଛି। ଶାଗ ଚାଷରେ ବିଶେଷ କିଛି ଖର୍ଚ୍ଚ ନାହିଁ। ଏଥିରେ ଯାହା ରୋଜଗାର ହେଉଛି, ସେଥିରେ ପରିବାର ଚଳୁଛି।

ରାତି ପାହିଲେ କ୍ଷେତରେ ଶାଗ ଚାଷରେ ବ୍ୟସ୍ତ ରହନ୍ତି ଦୁହେଁ। ଜଙ୍ଗା ଓ ତାଙ୍କ ସ୍ୱାମୀ ହରି ଦୁହେଁ ମିଶି ପାଖ ହାଟ ବଜାରକୁ ଯାଇ ଶାଗ ବିକନ୍ତି। ଭାଗ ୧୦ ଟଙ୍କାରେ। ବଜାରରେ ସୁନୁସୁନିଆ ଶାଗର ସ୍ୱତନ୍ତ୍ର ଚାହିଦା ରହିଛି। ଦିନକୁ ଶାଗ ବିକି ୧୦୦ ଟଙ୍କା ମିଳି ଯାଉଛି। ଶାଗ ବିକ୍ରି କରି ଏହି ବୃଦ୍ଧ ଦମ୍ପତି ଆହାର ଯୋଗାଡ଼ କରୁଛନ୍ତି। ସୁନୁସୁନିଆ ଶାଗ ଯେମିତି ପାଲଟିଛି ଏମାନଙ୍କ ପାଇଁ ଭାତ ହାଣ୍ଡି । ସୁନୁସୁନିଆ ଶାଗ ଦେଇଛି ଦୁହିଁଙ୍କୁ ବଞ୍ଚିବାର ରାହା ।


ବୃଦ୍ଧ ଦମ୍ପତି ଜମିରେ ଶାଗ ଅମଳ କରୁଛନ୍ତି।

